# ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ ।

ପ୍ରବାଦ ପୁରୁଷ ଓ ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଂକର ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସ ଭାବେ ଆଜି ସାରା ରାଜ୍ୟରେ ପାଳନ କରାଯାଉଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଅନୁଗୋଳ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ତାଂକର ୧୦୪ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରବାଦ ପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ । ବିଜୁ ପଟ୍ଟନାୟକଙ୍କ ଆତ୍ମଜୀବନୀ, ତାଂକର ଆଦର୍ଶ ଓ ଓଡିଆମାନଂକ ପ୍ରତି ଥିବା ଅବଦାନ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଗ୍ରାମାଂଚଳର ଉନ୍ନତିରେ ରାଜ୍ୟ ତଥା ଦେଶର ଉନ୍ନତି ସମ୍ଭବ । ଏହି କଥା ଚିନ୍ତା କରୁଥିବା ବିଜୁ ପଟ୍ଟନାୟକଂକ ସୁପୁତ୍ର ମଧ୍ୟ ତାଂକର ଏହି ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକଗୁଡିଏ ଜନହିତକର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ସରକାରୀ ସେବା ପ୍ରଦାନରେ ସୁଧାର ଓ ସ୍ୱଛତା ଆଣିବା ପାଇଁ ସେ 'ମୋ ସରକାର' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ସମସ୍ତେ ସଚେତନ ହୋଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାର ସୁଫଳ ପାଇବା ନିମନ୍ତେ ମୁଖ୍ୟ ଅତିଥି ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ବିଜୁ ପଟ୍ଟନାୟକ ଓଡିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ପ୍ରଗତି କିପରି ସମ୍ଭବ ହୋଇପାରିବ ସେ ସମ୍ପର୍କରେ ଚିନ୍ତା କରୁଥିଲେ । ଅଶୋକ ମେହେଟା କମିଟୀର ରିପୋର୍ଟ ଆଧାରରେ ଓ ବିଜୁ ପଟ୍ଟନାୟକଂକ ବଳିଷ୍ଠ ନେତୃତ୍ୱରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସର୍ବ ପ୍ରଥମେ ଏହି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲା । ଏହି ବ୍ୟବସ୍ଥା ଦ୍ୱାରା ଲୋକଂକୁ ନେଇ ଗ୍ରାମାଂଚଳ ସ୍ତରରୁ ବିଭିନ୍ନ ଲୋକାଭିମୁଖୀ ଯୋଜନାର ପରିକଳ୍ପନା କରାଯାଇ ଏହାକୁ କାର୍ଯ୍ୟକାରୀ କରାଯିବା ଉପରେ ବିଜୁ ପଟ୍ଟନାୟକ ଗୁରୁତ୍ୱ ଦେଉଥିଲେ । ବିଜୁ ପଟ୍ଟନାୟକ ଜଣେ ରାଷ୍ଟ୍ର ନେତା ଭାବେ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ସେମାନଂକ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସହ ପୁରୁଷମାନଂକ ଭଳି ସେମାନଂକୁ ସବୁ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଦେଉଥିଲେ । ବିଜୁ ପଟ୍ଟନାୟକ ଜଣେ ଦରଦୀ ମଣିଷ ଭାବେ ଦୀନ ଦୁଃଖୀମାନଂକର ଉନ୍ନତି ନିମନ୍ତେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଥିଲେ ବୋଲି ଜିଲ୍ଲାପାଳ ତାଂକ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ଡା.ଧରଣୀଧର ନାଥ ଯୋଗ ଦେଇ ବିଜୁ ପଟ୍ଟନାୟକଂକର ମହାନ ବ୍ୟକ୍ତିତ୍ୱ,ମହନୀୟତା ଓ ଦୁଃସାହସିକତା ପାଇଁ ସେ ପ୍ରବାଦ ପୁରୁଷ ଭାବେ ପରିଚିତ ବୋଲି ପ୍ରକାଶ କରିଥିଲେ । ବିଜୁ ପଟ୍ଟନାୟକ ହେଉଛନ୍ତି ଆଧୁନିକ ଓଡିଶାର ଜଣେ ଶ୍ରେଷ୍ଠ ସ୍ଥପତି । ତାଂକର ଅଦମ୍ୟ ଉତ୍ସାହ ଓ ଉଦ୍ୟମରେ ଚୌଦ୍ୱାରରେ ଓ ଟି ଏମ୍ ପ୍ରତିଷ୍ଠା,କଳିଂଗ ଟ୍ୟୁବସ୍,କଳିଂଗ ଆଇରନ୍ ୱାର୍କ୍ସ ଓ କଳିଂଗ ଏୟାର ଲାଇନସ୍ ପ୍ରତିଷ୍ଠା, ୧୯୯୨ ମସିହାରେ ୧୬ କୋଟି ଟଂକା ବ୍ୟୟରେ ପାରାଦ୍ୱିପରେ ବନ୍ଦର ପ୍ରତିଷ୍ଠା ଓ ଦଇତାରିରୁ ପାରିଦ୍ୱିପ ୧୫୫ କି.ମି ଏକ୍ସପ୍ରେସ୍ ହାଇୱେ ୨୦୦୯ରେ ଭାରତ ସରକାରଂକ ଠାରୁ ଶ୍ରେଷ୍ଠ ପୁରସ୍କାର ମିଳିବାରେ ବିଜୁ ପଟ୍ଟନାୟକଂକ ଅତୁଳନୀୟ ଅବଦାନ ଥିଲା । ସେ ଜଣେ ଶ୍ରେଷ୍ଠ ରାଜନିତିଜ୍ଞ ଭାବେ ଶିଳ୍ପାୟନକୁ ଅଧିକ ଗୁରୁତ୍ୱ ଦେଉଥିଲେ । ତାଂକ ସମୟରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଜିଲ୍ଲା ସଂଖ୍ୟା ୧୩ରୁ ୩୦ କୁ ବୃଦ୍ଧି କରାଗଲା । ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସେ ପ୍ରଥମେ ନିର୍ବାଚନ କରି ପଞ୍ଚାୟତ ସ୍ତରରେ ଭଲ କାର୍ଯ୍ୟ ପାଇଁ ପୁରସ୍କାର ଘୋଷଣା

କରିଥିଲେ । ସେ ଜଣେ କ୍ଲାନ୍ତିହୀନ ସାରଥି ଭାବେ ଓଡିଆ ଜାତି ପାଇଁ ଏକ ସମର୍ପିତ ବ୍ୟକ୍ତିତ୍ୱ । ଓଡିଆ ଜାତି ପାଇଁ ସେ ଥିଲେ ଖାରବେଳ । ଓଡିଶାର ମର୍ଯ୍ୟାଦାକୁ ଦେଶ ତଥା ଦେଶ ବାହାରେ ପ୍ରତିପାଦିତ କରିବା ସହ ଭାରତ ମାନଚିତ୍ରରେ ଓଡିଶା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖିଯାଇଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ନିରଂଜନ ଦେହୁରୀ ଯୋଗ ଦେଇ ବିଜୁ ପଟ୍ଟନାୟକଂକୁ ଓଡିଶାର ନବ ନିର୍ମାତା ଭାବେ ବିବେଚନା କରିବା ସହ ତାଂକୁ ସ୍ୱର୍ଗତା ଇନ୍ଦିରାଗାନ୍ଧୀଂକ ସହ ତୁଳନା କରିଥିଲେ । ମହିଳାମାନଂକୁ ରାଜନିତୀରେ ଅଗ୍ରାଧିକାର ଭିତ୍ତିରେ ୫୦ ପ୍ରତିଶତ ସ୍ଥାନ ସରଂକ୍ଷଣ କରିବା ସହ ଓଡିଶାର ସର୍ବାଂଗୀନ ଉନ୍ନତି ନିମନ୍ତେ ସେ ସର୍ବଦା ଉଦ୍ୟମ ଜାରି ରଖିଥିଲେ । ସେ ଥିଲେ ଜଣେ ବୀର ପୁରୁଷ । ତାଂକର ଅଦମ୍ୟ ସାହସ ଯୋଗୁ ସେ ଇଣ୍ଡୋନେସିଆର ସର୍ବୋଚ ସମ୍ମାନ ଭୂମୀପୁତ୍ର ଆଖ୍ୟା ପାଇଥିଲେ ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଂକୁ 'ଝଡର ଇଗଲ' ଭାବେ ଅଭିହିତ କରିବା ସହ ତାଂକର ବୀରତ୍ୱ ଓ ସାହସିକତାକୁ ପ୍ରଶଂସା କରିଥିଲେ । ଓଡିଶା କହିଲେ ପୁରୀ ଜଗନ୍ନାଥ ମନ୍ଦିର ଓ ବିଜୁ ପଟ୍ଟନାୟକଂକୁ ବୁଝାଉଥିଲା । ତାଂକ ସମୟରେ ଓଡିଶାରେ ବିକାଶର ଧାରା ଆରମ୍ଭ ହୋଇଥିଲା । ଆଜିର ଦିନରେ ଏହି ବିକାଶର ଧାରାକୁ ଆଗକୁ ବଢାଇ ନେବା ଆମ ସମସ୍ତଂକ ପାଇଁ ଏକ ଆହ୍ୱାନ । ତାଂକର ସମସ୍ତ ସ୍ୱପ୍ନକୁ ଆମେ ସାକାର କରିପାରିଲେ ଓଡିଶା ସମଗ୍ର ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ବିଜୁ ପଟ୍ଟନାୟକଂକର ଓଡିଶା ଓ ଓଡିଆମାନଂକ ପ୍ରତି ଥିବା ଆବଦାନକୁ ସ୍ମରଣ କରିବା ସହ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂହ ଯୋଗ ଦେଇ ବିଜୁ ପଟ୍ଟନାୟକଂକର ଆଦର୍ଶ ଓ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଅର୍ଥ) ଶ୍ରୀ ଅବିନାଶ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଦକ୍ଷତା ବିକାଶ) ଶ୍ରୀ ରାକେଶ କୁମାର କୁଣ୍ଡୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକ (ବୈଷୟିକ) ଶ୍ରୀ ହରିହର ପାଢୀ ଓ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅଂଶୁମାନ ଶତପଥି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ । ଏହି ଉପଲକ୍ଷେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାର ୩ ଜଣ ହିତାଧିକାରୀଂକୁ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାରୁ ଆର୍ଥିକ ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିବାବେଳେ ୫ ଜଣଂକୁ ଜୈବ ଖତ ପ୍ରସ୍ତୁତି ନିମନ୍ତେ ୧୪ ହଜାର ଲେଖାଏଁ ଟଂକାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସେହିପରି ଅନୁଗୋଳ ପୌରପାଳିକାର ୪ ଜଣ ବସ୍ତିବାସିନ୍ଦାଂକୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ପରେ ପରେ ତାଳଚେର ଅମୃତ ଅନୁଷ୍ଠାନର କରୁଣାକର ବାଇ ଓ ତାଂକର ସାଥୀଂକ ଦ୍ୱାରା ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତର ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।






Smt. Basanti Kisan


Panchayati Raj
ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ
ତାରିଖ:- ମାର୍ଚ୍ଚ ୪, ୨୦୨୦